# ଦିନକରେ ୮୦,୭୭୬ ଆକ୍ରାନ୍ତ, ୧୦୫୪ ମୃତ

**ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:**

ଭାରତରେ କରୋନା ଭୂତାଣୁର ସଂକ୍ରମଣ ଜାରିରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ସମଗ୍ର ଦେଶରେ ୮୩,୮୦୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୪୯ ଲକ୍ଷ ୩୦ ହଜାର ୨୩୬ ଜଣ କରୋନାରେ ଆକ୍ରାନ୍ତ ହେଲେଣି । ଗତ ୨୪ ଘଣ୍ଟାରେ ଦେଶରେ ୧୦୫୪ ଆକ୍ରାନ୍ତଙ୍କ ପ୍ରାଣହାନୀ ଘଟିବାରୁ କରୋନା ମୃତ୍ୟୁସଂଖ୍ୟା ୮୦,୭୭୬କୁ ବୃଦ୍ଧିପାଇଛି ।

ମଙ୍ଗଳବାର ଏ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବ ରାଜେଶ ଭୂଷଣ କହିଛନ୍ତି ଯେ ଦେଶରେ ବର୍ତ୍ତମାନ ୯ ଲକ୍ଷ ୯୦ ହଜାର ୬୧ ଜଣ କରୋନା ରୋଗୀ ଚିକିତ୍ସିତ ହେଉଛନ୍ତି । ତେବେ ୩୮ ଲକ୍ଷ ୫୯ ହଜାର ୩୯୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସଂପ୍ରତି ଦେଶରେ କୋଭିଡ୍-୧୯ ଆରୋଗ୍ୟ ହାର ୭୭.୮୮ ପ୍ରତିଶତ ଥିବା ବେଳେ ମୃତ୍ୟୁହାର ୧.୬୫ ପ୍ରତିଶତ ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡିଛି । ଦେଶରେ ସର୍ବାଧିକ କରୋନା ପ୍ରଭାବିତ ରାଜ୍ୟ ମହାରାଷ୍ଟ୍ରରେ ୧୦ ଲକ୍ଷ ୭୭ ହଜାର ୩୭୪ ଜଣ କରୋନାରେ ଆକ୍ରାନ୍ତ ▶▶ ୭

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com